## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ପାଣିକୋଇଲି, ୨୬।୨ (ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଯୁବତୀ ଘରେ ଏକାଥିବା ସମୟରେ ଉକ୍ତ ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ତେଲିଆ ଗ୍ରାମର ବିଜୟ ଦଳାଇ ଓରଫ୍ ଗେଣ୍ଟୁଆ ତାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ଯୁବତୀଙ୍କ ଭାଇ ପହଞ୍ଚିଯିବାରୁ ସମ୍ପୃକ୍ତ ଯୁବକ ଦୌଡ଼ି ପଳାଇଥିଲେ। ଏ ସମ୍ପର୍କରେ ଯୁବତୀ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ପରେ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଗିରଫ କରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି।

### ଚୋରି ମାମଲାରେ ପଶ୍ଚିମବଙ୍ଗରୁ ଜଣେ ଗିରଫ

**ପାଣିକୋଇଲି, ୨୬।୨ (ବିକାଶ ମଲ୍ଲିକ):** ଏକ ଚୋରି ମାମଲାରେ ଫେରାର ଜଣେ ଅଭିଯୁକ୍ତଙ୍କୁ ପାଣିକୋଇଲି ପୋଲିସ ପଶ୍ଚିମବଙ୍ଗରୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗାଁରେ ବୁଲି ଫେରି ବେପାର କରୁଥିବା ପଶ୍ଚିମବଙ୍ଗ ରାଜ୍ୟ ପୂର୍ବ ମେଦିନୀପୁର ଜିଲାର ଏଗ୍ରା ଥାନା ଏରେଣ୍ଡାବାଦ ଗ୍ରାମର ଖଲିଲ ନୁରୁଲ ହୋସେନ(୩୦)। ବିଶ୍ୱସ୍ତ ସୂତ୍ରରୁ ପ୍ରମାଣ ପାଇବା ପରେ ତଦନ୍ତକାରୀ ଅଧିକାରୀ ଏସ୍ଆଇ ବିଶ୍ୱରଞ୍ଜନ ଦାସ ସଦଳବଳ ଯାଇ ସେଠାକାର ପୋଲିସ ସହାୟତାରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲେ।

ଏହି ଥାନା ମୂଳାପାଳ ପଞ୍ଚାୟତ କ୍ଷୀରୋ ଗ୍ରାମର ଅସିତ ନାୟକ ଗତ ୧୧ ତାରିଖରେ ସପରିବାରେ ଗ୍ରାମର ମା' ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିଲେ। ଏହି ସମୟରେ କେହି ତାଙ୍କ ଘର ପଛପଟ କବାଟ ଭାଙ୍ଗି ଘରେ ପଶି ସମସ୍ତ ସୁନା ଓ ରୁପା ଅଳଙ୍କାର ସମେତ ନଗଦ ଦଶ ହଜାର ଟଙ୍କା ଲୁଟି ନେଇଥିଲେ। ଏକଥା ଜାଣିବା ପରେ ୧୨ ତାରିଖରେ ସେ ଥାନାରେ ଅଭିଯୋଗ କରିଥିଲେ।

# ୪ ସିଏଚ୍‌ସି ଆମ ହସ୍ପିଟାଲରେ ରୂପାନ୍ତରଣ

- ଜିଲା ମୁଖ୍ୟ ଚିକିତ୍ସାଳୟ ବି ସାମିଲ ହେଲା
- ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ବଡ଼ଚଣାର ସୋନାଲି ନାଥ

**ଯାଜପୁର ଟାଉନ, ଚଣ୍ଡିଖୋଲ/ ବଡ଼ଚଣା/ଯାଜପୁର ରୋଡ୍, ୨୬।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି / ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି/ପବିତ୍ର ରଞ୍ଜନ ମହାନ୍ତି ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଆଭାସୀ ମାଧ୍ୟମରେ ଆମ ହସ୍ପିଟାଲରେ ରୂପାନ୍ତର ହୋଇଥିବା ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଦାନଗଦୀ, ଯାଜପୁରରୋଡ୍, ଧର୍ମଶାଳା ଓ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)କୁ ଲୋକାର୍ପଣ କରିଛନ୍ତି। ଏନେଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, କୋରେଇ ବିଧାୟକ ଅଶୋକ ବଳ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଭାରପ୍ରାପ୍ତ ଜିଲାପାଳ ଅଶୋକ ବେହୁରିଆ,



ବଡ଼ଚଣାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ଅଧିକାରୀ ଓ ଅନ୍ୟମାନେ।

ବ୍ୟାସନଗର ପୌରପରିଷଦ ଅଧ୍ୟକ୍ଷା ସଂଗୀତା ପିଙ୍ଗୁଆ, ବଡ଼ଚଣା ବ୍ଲକ୍ ଅଧ୍ୟକ୍ଷା ମିନତି ସେନାପତି, ବିଡିଓ ରବୀନ୍ଦ୍ର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣା, ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ସାରଦା ପ୍ରସାଦ ଜେନା ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରାଙ୍କ ସମେତ ବହୁ ଜନ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, କର୍ମଚାରୀ, ମିଶନ ଶକ୍ତି ସଦସ୍ୟା ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ବଡ଼ଚଣା ବ୍ଲକ୍ ସମିଆଁ ପଞ୍ଚାୟତର ସୋନାଲି ନାଥ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଭାସୀ ମାଧ୍ୟମରେ କଥା ହୋଇଥିଲେ। ସେ ଆମ ହସ୍ପିଟାଲ ରୂପାନ୍ତରଣର ଲାଭବାନ ଉପରେ ନିଜର ଅନୁଭୂତି ବଖାଣିଥିଲେ।

ସେହିପରି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆମ ହସ୍ପିଟାଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ମେଡିକାଲ ଅଧିକାରୀ ସନ୍ତୋଷ ପୃଷ୍ଟି ଯୋଗଦେଇ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ତରୁଣ ମହାପାତ୍ର, ଉପନଗରପାଳ ସୁବାସ ଚନ୍ଦ୍ର ବଳ, ବିଧାୟକଙ୍କ ପ୍ରତିନିଧି ଅମୂଲ୍ୟ ନାୟକ, ଜିଲା ବିଜେଡି ସଭାନେତ୍ରୀ ସବିତା ରାଉତ, ଡା. ଗୌରୀ ଶଙ୍କର ଷଡ଼ଙ୍ଗୀ, ବିଜେଡି ବାସନଗର ସମ୍ପାଦକ ମହେଶ ଧଳ ପ୍ରମୁଖ ଉପସ୍ଥିତ ରହିଥିଲେ।

### ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର କର୍ମକର୍ତ୍ତା ନିର୍ବାଚନ

# ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ରସୁଲପୁର, ୨୬।୨ (ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ପ୍ରାଥମିକ ଶିକ୍ଷକ ଭବନରେ ସୋମବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ତ୍ରି-ବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥର ପୂର୍ବଥରର ୨ କାର୍ଯ୍ୟକର୍ତ୍ତାଙ୍କୁ ଛାଡ଼ି ଅନ୍ୟ ସମସ୍ତେ ନୂତନ ଭାବେ ନିର୍ବାଚିତ ହୋଇଛନ୍ତି। ଶିକ୍ଷକ ସଂଘ ଉପଦେଷ୍ଟା, ଜିଲାସ୍ତରୀୟ ସଂଘ ନେତା କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଆଶାୟୀଙ୍କୁ ନେଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ ଦୃଷ୍ଟିକୋଣରୁ ଏକ ସନ୍ତୁଳିତ ପ୍ରାର୍ଥୀ ତାଲିକା ପରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ସମସ୍ତ କାର୍ଯ୍ୟକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଶିକ୍ଷକ ମହେନ୍ଦ୍ର ମଲିକ ସଂଘ ସମ୍ପାଦକ ଓ ଶିକ୍ଷୟିତ୍ରୀ ଅରୁଣା



ନିର୍ବାଚିତ ହୋଇଥିବା କର୍ମକର୍ତ୍ତା।

ଦ୍ୱିବେଦୀ ଉପସଭାପତି ପଦବୀକୁ ପୁନଃର୍ବାର ନିର୍ବାଚିତ ହୋଇଥିଲେ।

ସଂଘ ସଭାପତି ଭାବରେ ଚିତ୍ତରଞ୍ଜନ ରଥ, ଉପସଭାପତି ଗିରିଜା ଶଙ୍କର ରଥ, ସହସମ୍ପାଦକ ଶ୍ରୀବତ୍ସ ସାହୁ, ସୁଶାନ୍ତ ସାହୁ, ଆଲୋକ ଦାସ, କୋଷାଧ୍ୟକ୍ଷ ପ୍ରଭାତ ନାଥ ଓ ସଂଯୋଜକ ଭାବରେ ସ୍ମାରକ ରଞ୍ଜନ ସାହୁ ପ୍ରମୁଖ ନିର୍ବାଚିତ ହୋଇଥିଲେ। ନିର୍ବାଚନ କାର୍ଯ୍ୟକ୍ରମକୁ ସଂଘ ଜିଲା ସଭାପତି ବିଜୟ ନାୟକ, ଉପସଭାପତି ଦେବରାଜ ମିଶ୍ର, ବିଞ୍ଝାରପୁର ବ୍ଲକ ସଭାପତି ରବିନାରାୟଣ ମହାନ୍ତି, ବ୍ଲକ ସମ୍ପାଦକ ସଂଗ୍ରାମ କେଶରୀ ସାମଲ, ଦାନଗଦି ବ୍ଲକ ସମ୍ପାଦକ ସନ୍ତୋଷ ସାହୁ ପ୍ରମୁଖ ସମାପନ କରିଥିଲେ। ପରେ ନବନିର୍ବାଚିତ କାର୍ଯ୍ୟକର୍ତ୍ତା ବ୍ଲକ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ରଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ।

### ବିଜୟ ହେଲେ ପ୍ରଦେଶ କଂଗ୍ରେସ ଓବିସି ସେଲ ସମ୍ପାଦକ

**ବିଞ୍ଝାରପୁର, ୨୬।୨ (ରାମକୃଷ୍ଣ ଦାସ):** ଜାତୀୟ କଂଗ୍ରେସ ଓବିସି କମିଟି ଅନୁମୋଦନକ୍ରମେ ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ଓବିସି ସମ୍ପାଦକମାନଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ବିଞ୍ଝାରପୁର ବ୍ଲକ୍‌ର ବିଜୟ ଦାସ (ବିଜନ)ଙ୍କୁ ରାଜ୍ୟ ଓବିସି ସେଲ ସମ୍ପାଦକ ରୂପେ ମନୋନୟନ କରାଯାଇଛି। ବିଜୟ ଦୀର୍ଘଦିନ ଧରି କଂଗ୍ରେରେ ରହି ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛନ୍ତି। ତେଣୁ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏକ ଗୁରୁ ଦାୟିତ୍ୱ ଦେଇଛି। ଏଥିପାଇଁ ସେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଜୟଙ୍କ ନାଁ ଘୋଷଣା ପରେ ବିଞ୍ଝାରପୁର କଂଗ୍ରେସ କର୍ମୀ ଉତ୍ସାହିତ ହୋଇଛନ୍ତି। ତାଙ୍କୁ ଯାଜପୁର ଜିଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତ, ପଦ୍ମାକର ଗୁରୁ, ମଳୟ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଧର୍ମଶାଳା ବ୍ଲକରେ ୯ ପ୍ରକଳ୍ପର ଶିଳାନ୍ୟାସ



ବିଧାୟକ ଧର୍ମଶାଳା କଲେଜ ସ୍ମାର୍ଟ କ୍ଲାସରୁମ୍ ଉନ୍ନତୀକରଣର ଶିଳାନ୍ୟାସ କରୁଛନ୍ତି।

**ଧର୍ମଶାଳା, ୨୬।୨ (ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ୨୨ କୋଟି ୫୧ ଲକ୍ଷ ଟଙ୍କା ବ୍ୟୟରେ ୯ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଏସବୁର ଶିଳାନ୍ୟାସ କରିଛନ୍ତି। ଏଥିରେ ଯାଜପୁର ଗ୍ରାମ୍ୟ ଉନ୍ନୟନ ଡିଭିଜନ-୨ ଜାରକା ପକ୍ଷରୁ ଧର୍ମଶାଳା ମହାବିଦ୍ୟାଳୟରେ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ମାର୍ଟକ୍ଲାସ ଉନ୍ନତିକରଣ ଓ ୧ କୋଟି ୨୫ ଲକ୍ଷ ବ୍ୟୟ ଅଟକଳରେ ନୂତନ ଗୃହର ଶିଳାନ୍ୟାସ କରାଯାଇଛି। ସେହିପରି ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ ୧ କୋଟି ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ଗୃହ ଓ ସ୍ମାର୍ଟ କ୍ଲାସ ନବୀକରଣ ପାଇଁ ଶିଳାନ୍ୟାସ କରାଯାଇଛି। କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ପାଇଁ ୧ କୋଟି ୫ ଲକ୍ଷ ଟଙ୍କା ବ୍ୟାୟ ଅଟକଳରେ ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ସେହିପରି ୧୧ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମଧୁପୁରଗଡ଼ଠାରୁ ଡଙ୍କାରୀ ତୁରଙ୍ଗ ରାସ୍ତା, ୧ କୋଟି ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସାତମାଣ ଆରଡି ରୋଡଠାରୁ ରାମଚନ୍ଦ୍ରପୁର ଏଚ୍ଏସ୍‌ସି ରୋଡ, ୧ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଦିବାସୀ ଅଧ୍ୟୁଷିତ ବୁରୁସାହିକୁ ରାସ୍ତା ଶିଳାନ୍ୟାସ କରାଯାଇଛି। ସେହିପରି ୩ କୋଟି ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସାଥୁଆ ପାଟଣା ସାହି ମନ୍ଦିରଠାରୁ ନୂଆସାହି ଭାୟା ଗାଇଦାଣ୍ଡି ଆରଡି ରୋଡ ଓ ୧ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟରେ ଏଚ୍ଏଲ୍‌ସି ରେଞ୍ଜ-୧୦ରୁ ଜେନାପୁର ରେଳବାଇ ରୋଡ ଉନ୍ନତିକରଣ ପାଇଁ ବିଧାୟକ ବଳବନ୍ତରାୟ ଶିଳାନ୍ୟାସ କରିଛନ୍ତି। ଶିଳାନ୍ୟାସ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସଭ୍ୟା ସ୍ମୃତିରେଖା ବେହେରା, ପ୍ରଣତି ଲେଙ୍କା, ସୁଧାଂଶୁ ଶେଖର ସାହୁ, ଧର୍ମଶାଳା କଲେଜ ଅଧ୍ୟକ୍ଷ ଜୟନ୍ତ ସାହୁ ଓ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ଗ୍ରାମ୍ୟ ଉନ୍ନୟନ ଡିଭିଜନ-୨ ଜାରକା ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳଧର ବେହେରା, ସହକାରୀ ଯନ୍ତ୍ରୀ ସଞ୍ଜୟ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।



## ବଡ଼ପଡ଼ାରେ ଅଗ୍ନିକାଣ୍ଡ, ୨ ବଖରା ଭସ୍ମୀଭୂତ

ପଟ୍ଟାମୁଣ୍ଡାଇ,୨୬।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ବଡପଡ଼ା ଗାଁର ପ୍ରସନ୍ନ ସାମଲଙ୍କ ଘରେ ରବିବାର ଆକସ୍ମିକ ଅଗ୍ନିକାଣ୍ଡରେ ୨ବଖରା ଚାଳ ଛପର ଭସ୍ମୀଭୂତ ହୋଇଯାଇଛି। ଘରେ ଥିବା ଧାନ, ଚାଉଳ, ମୁଗ, ବିରି, ଲୁଗାପଟା, ସୁନା ରୁପା ଅଳଙ୍କାର, ଟିଭି, ଫ୍ୟାନ ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ଯୁବ ବିଜେଡି ସଭାପତି କୈଳାସ ସିଂହ, ବଡ଼ପଡ଼ା ସମବାୟ ସମିତି ନିର୍ଦ୍ଦେଶକ ଅଶୋକ ମଲିକ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିବା ସହିତ ସହାୟତା ପ୍ରଦାନ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଜେଲ ଗଲେ ମୋବାଇଲ ଦୋକାନୀ

ରାଜନଗର, ୨୬।୨ (ଭାସ୍କର ରାଉତରାୟ)

**ଡକ୍ୟୁମେଣ୍ଟ ନକଲ କରି ସିମ୍ କଳାବଜାର ଘଟଣା**



ରାଜନଗର ଥାନା ସାନବଡଗୋପାଳପୁର ବଜାର ଉପରେ ଥିବା ରାଉତ ମୋବାଇଲ୍ସର ଦୋକାନର ମାଲିକ ମାଲିକ ଦୀପକ କୁମାର ରାଉତ ଲୋକଙ୍କ ଅଜଣାତରେ ତାଙ୍କ ଆଧାରକାର୍ଡକୁ ବ୍ୟବହାର କରି ମୋବାଇଲ ସିମ୍ ଆକ୍ଟିଭ କରି କଳାବଜାରରେ ବିକ୍ରି କରିବା ଘଟଣାରେ ପୋଲିସ ତାଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଥାନାରେ ନଂ. ୬୮/୨୦୨୪, ଦଫା ୪୬୫, ୪୬୮, ୪୭୧, ୪୧୯, ୪୨୦ ଆଇପିସିରେ ମାମଲା ରୁଜୁ ହୋଇଛି। କେବଳ ଜଣେ ସରକାରୀ କର୍ମଚାରୀଙ୍କ ଆଧାରକାର୍ଡକୁ ନକଲ କରି ଦୀପକ ସିମ୍ କଳାବଜାରୀ କରିଛନ୍ତି ନାଁ ଅନ୍ୟ ସାଧାରଣ ଲୋକେ ଏହି ଠକେଇର ଶିକାର ହୋଇଛନ୍ତି, ସେ ନେଇ ପୋଲିସ ତଦନ୍ତକୁ ଯୋରଦାର କରିଥିବା ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି। ଦୀପକଙ୍କୁ ପୋଲିସ ଗିରଫ କରିବା ପରେ ସିମ୍ କଳାବଜାରୀ କରୁଥିବା ଅନ୍ୟ ମୋବାଇଲ ଦୋକାନୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଦିଲ୍ଲୀ ଅଞ୍ଚଳର ଜଣେ ଯୁବକ ଜଣେ ଯୁବତୀଙ୍କୁ ନେଇ ବର୍ଷେ ତଳୁ ଫେରାର ହୋଇଯାଇଥିଲେ। ଫେବୃଆରୀରେ ରାଜନଗର ଅଞ୍ଚଳର ଜଣେ ଯୁବକଙ୍କ ନାମରେ ଥିବା ମୋବାଇଲ ନମ୍ବରରେ ଫେରାର ଯୁବକ ତାଙ୍କ ଭାଇଙ୍କ ସହ କଥା ହୋଇଥିଲେ। ଦିଲ୍ଲୀ ପୋଲିସ ମୋବାଇଲ ନମ୍ବର ଟ୍ରାକ କରି ଏହା ଜାଣିବା ପରେ ରାଜନଗରରେ ପହଞ୍ଚି ଏ ନେଇ ଖୋଳତାଡ କରିଥିଲା। ଦିଲ୍ଲୀ ପୋଲିସ ଓ ରାଜନଗର ପୋଲିସର ମିଳିତ ଖୋଳତାଡ ବେଳେ ରାଜନଗର ହାଇସ୍କୁଲର କ୍ଲର୍କ ଚନ୍ଦନ କୁମାର ପାତ୍ରଙ୍କ ଆଧାର କାର୍ଡରେ ଇସ୍ୟୁ ହୋଇଥିବା ସିମ୍ କାର୍ଡରେ ଯୁବକ ଜଣଙ୍କ କଥା ହୋଇଥିବା ଜଣାପଡିଥିଲା। ଚନ୍ଦନଙ୍କୁ ଥାନାକୁ ଡକାଇ ପୋଲିସ ଏ ନେଇ ପଚରାଉଚରା କରିବା ବେଳେ ମୋବାଇଲ ନଂ. ୮୦୯୩୫୩୫୯୪୦ ସମ୍ପର୍କରେ ସେ ଜାଣି ନ ଥିବା କହିଥିଲେ। ଖୋଳତାଡ ପରେ ଚନ୍ଦନ ଚଳିତମାସ ୧ ତାରିଖରେ ସାନବଡଗୋପାଳପୁର ବଜାର ଉପରେ ଥିବା ରାଉତ ମୋବାଇଲ୍ସରୁ ଏୟାରଟେଲ ସିମ ନଂ. ୮୦୯୩୪୫୫୭୬୯ ଆଣିଥିବା କହିଥିଲେ। ସେ ସିମ୍ ପାଇଁ ଯାଇଥିବା ବେଳେ ମୋବାଇଲ ଦୋକାନୀ ତାଙ୍କର ଆଧାରକାର୍ଡ ନେବା ସହ ତାଙ୍କ ଫଟୋ ଉଠାଇ ଥିଲେ। ତାଙ୍କ ମୋବାଇଲକୁ ଏକ ଓଟିପିଆସିଥିଲା। ଚନ୍ଦନ ଓଟିପି ଦେବା ପରେ ହେଲାନି କହି ପୁଣି ଫଟୋ ଉଠାଇବା ସହ ଆଉ ଏକ ଓଟିପି ତାଙ୍କଠାରୁ ନେଇଥିଲେ। ଚନ୍ଦନ ଗୋଟିଏ ସିମ୍ କାର୍ଡ ନେଇ ଆସିବା ସହ ସେହିଦିନରୁ ସେହି ନମ୍ବର ବ୍ୟବହାର କରି ଆସୁଛନ୍ତି। ମାତ୍ର ଥରେ ହେଲାନି କହି ଆଉ ଥରେ ଫଟୋ ଉଠାଇ ଓଟିପି ନେବା ବାହାନାରେ ମୋବାଇଲ ଦୋକାନୀ ଚନ୍ଦନଙ୍କ ଆଧାରକାର୍ଡକୁ ବ୍ୟବହାର କରି ଅନ୍ୟ ଏକ ସିମ୍ କାଢି ତାକୁ ଦିଲ୍ଲୀ ଅଞ୍ଚଳର ଫେରାର୍ ଯୁବକଙ୍କୁ କଳାବଜାରରେ ବିକ୍ରି କରିଥିବା ଜଣାପଡିଛି। ତାଙ୍କ ନାଁରେ ଠକେଇ ହୋଇଥିବା ଜାଣିବା ପରେ ଚନ୍ଦନ ରବିବାର ସନ୍ଧ୍ୟାରେ ଏ ନେଇ ରାଉତ ମୋବାଇଲ୍ସର ମାଲିକ ଦୀପକଙ୍କ ନାମରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପଚରାଉଚରା ବେଳେ ଦୀପକ ଏହାକୁ ସ୍ୱୀକାର କରିଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମାର୍ଶାଘାଇରେ ମିଳିତ ଜନଶୁଣାଣି



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ମାର୍ଶାଘାଇ, ୨୬।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

**୬୨ ଅଭିଯୋଗରୁ ୫୫ ବ୍ୟକ୍ତିଗତ, ୭ ସାମୂହିକ**

ମାର୍ଶାଘାଇ ବ୍ଲକ ସଭାଗୃହରେ କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପୀତାମ୍ବର ସାମଲ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ଜିଲା ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ଏସ୍‌ପି ବି. ଯୁଗଳ କିଶୋର, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ବିଡିଓ ରଶ୍ମିରେଖା ମଲ୍ଲିକ, ତହସିଲଦାର ଶ୍ରୀକାନ୍ତ ପରିଜା ଯୋଗଦେଇ ଲୋକମାନଙ୍କର ଅଭିଯୋଗ ଶୁଣିଥିଲେ। ମୋଟ ୬୨ଟି ଅଭିଯୋଗ ମଧ୍ୟରୁ ୫୫ଟି ବ୍ୟକ୍ତିଗତ ଥିଲା। ସେଗୁଡିକ ମଧ୍ୟରେ ରାଶନ କାର୍ଡ, ଆବାସ, ଭତ୍ତା, ଡାକ୍ତରୀ ଖର୍ଚ୍ଚ, ଆର୍ଥିକ ସହାୟତା ଆଦି ଥିବାବେଳେ ୭ଟି ସାମୂହିକ ଅଭିଯୋଗ ମଧ୍ୟରୁ ଡୁମୁକା ଗ୍ରାମଠାରେ ଏକ ବାଇ ପାସ୍ ରାସ୍ତା ନିର୍ମାଣ, ରଘୁନାଥପୁରଠାରେ ଜଳସେଚନ କେନାଲରେ ପାଣି ଛାଡ଼ିବା, ବଚ୍ଛରାଇ ଗ୍ରାମରେ ହୋଇଥିବା ଫ୍ରି କିଚେନ ଟଙ୍କା ମିଳି ନ ଥିବା, ଅଙ୍ଗୁଳାଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ, ମଣିକୁଣ୍ଡା ପଞ୍ଚାୟତରେ ସିଆର୍‌ପି, ଏମ୍‌ବିକେ ନିଯୁକ୍ତିରେ ଅନିୟମିତତା, ରଘୁନାଥପୁର ଗାଁରେ ରାସ୍ତା ନିର୍ମାଣ ଆଦି ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଅନିତା ପଟ୍ଟନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଆଲୋକ ମହାନ୍ତି, ବ୍ଲକ୍ ସିଡିପିଓ ଶୈଳବାଳା ଚାଷୀଙ୍କ ସମେତ ବହୁ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ବର୍ଦ୍ଧିତ ଭତ୍ତା ସହ ଏସ୍ଏଚ୍‌ଜିଙ୍କୁ ଚେକ୍ ପ୍ରଦାନ କଲେ ମନ୍ତ୍ରୀ

ଆଳି,୨୬।୨ (ବନମାଳୀ ସେନାପତି)

ଆଳି ବ୍ଲକ ଗୋବିନ୍ଦପୁର କଲେଜ ପଡିଆଠାରେ ସୋମବାର ନୂତନ ଓ ବର୍ଦ୍ଧିତ ଭତ୍ତା, ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ୨ଟି ଖୋଟ ବ୍ୟାଗ ସହିତ ୧ ହଜାର ଟଙ୍କା ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସଏଚଜି) ସଦସ୍ୟଙ୍କ ୟୁନିଫର୍ମ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ନିଖିଳ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶକ୍ତି, ଶିଳ୍ପ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ କନକଲତା ବେହେରା, ଭୀଷ୍ମ ମହାନ୍ତି, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଧନରଞ୍ଜନ ବୋଷ, ଦୀପକ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଦେବ ଗୋବିନ୍ଦପୁର, ଡ଼ିମିରିପାଳ, ଅରଗଳ, ଜୁଆଣିଆ, କେନ୍ଦୁଆପାଳ, ଦେସାହି, ପାଳିମି, ଏରଡ଼ଙ୍ଗ, ସଂସିଧା, ପେତପଡା ପଞ୍ଚାୟତର ହିତାଧିକାରୀମାନଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିବା ସହିତ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ୨ଟି ଖୋଟ ବ୍ୟାଗ ଓ ଟଙ୍କା ପ୍ରଦାନ କରିଥିଲେ। ଏହି ବଣ୍ଟନ କାର୍ଯ୍ୟକ୍ରମରେ ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ ପୁନମ ଜେନା, ସାମାଜିକ ସୁରକ୍ଷା ବିଭାଗର ଅର୍ପିତା ସାମଲ ଯୋଗ ଦେଇଥିଲେ। ଏହାକୁ ଯୁବ ବିଜେଡି ସଭାପତି କେଦାରନାଥ ବେହେରା ପରିଚାଳନା କରିଥିବା ବେଳେ ୧୦ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ମିଶନ ଶକ୍ତି ବିଭାଗର ଏମ୍‌ବିକେ, ସିଆର୍‌ପିମାନେ ସହଯୋଗ କରିଥିଲେ।

## ଯୋଜନା ଅର୍ଥ ହରିଲୁଟ ବିରୋଧରେ ଗଣଧାରଣା

କେନ୍ଦ୍ରାପଡ଼ା, ୨୬।୨ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲା ପ୍ରାଣୀ ସମ୍ପଦ ବିଭାଗ ଅଧୀନରେ ଥିବା ବିଭିନ୍ନ ସରକାରୀ ଯୋଜନା ହରିଲୁଟ ହୋଇଛି। ଏଥିପାଇଁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଲେ ମିଳୁନାହିଁ। ଏପରି ଅଭିଯୋଗ ଆଣି ଓଡ଼ିଶା ସୂଚନା ଅଧିକାର ଆଇନ ଅଭିଯାନ (ଓସା)ର ସଦସ୍ୟ ଦୁଷ୍ମନ୍ତ ଆଚାର୍ଯ୍ୟ, ଜିଲା ଆବାହକ ପ୍ରତାପ କୁମାର ମହାନ୍ତି ଓ ସଦସ୍ୟ ଭାଗୀରଥି ଜେନା ଜିଲା ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ସୋମବାରଠାରୁ ଗଣଧାରଣା ଆରମ୍ଭ କରିଛନ୍ତି। ସେମାନେ ଏ ସମ୍ପର୍କରେ ଦର୍ଶାଇଛନ୍ତି , ଅକ୍ଟୋବର ମାସରୁ ଛେଳି ଓ ଗୋସମ୍ପଦ ସମ୍ପର୍କରେ ସୂଚନା ଆଇନ ଅନୁଯାୟୀ ତଥ୍ୟ ମାଗିଥିଲେ। ତେବେ କର୍ତ୍ତୃପକ୍ଷ ଏ ସମ୍ପର୍କରେ ସମୟ ଅବଧି ମଧ୍ୟରେ ତଥ୍ୟ ପ୍ରଦାନ କରି ନ ଥିଲେ। ଫଳରେ ଆଇନ ଅନୁଯାୟୀ, ଫାଷ୍ଟ ଅପିଲ ହୋଇଥିଲା। ଏଥିରେ ମଧ୍ୟ ସୁଫଳ ମିଳିନାହିଁ। ଏହି ଜିଲାର ଅର୍ଥନୀତି କୃଷିଭିତ୍ତିକ। ଗୋପାଳନ, ଛେଳି, ମେଣ୍ଢା ଚାଷ ଦ୍ୱାରା ଗ୍ରାମାଞ୍ଚଳର ଲୋକେ ସ୍ୱାବଲମ୍ବୀ ହେବା ପାଇଁ ଚେଷ୍ଟା କରିଥାନ୍ତି। ଏ ନେଇ ବିଭିନ୍ନ ସରକାରୀ ଯୋଜନା ପ୍ରଣୟନ ହେବା ସହ ପ୍ରୋତ୍ସାହନ ଅର୍ଥ ରାଶି ଆସୁଛି। ମାତ୍ର କାଗଜପତ୍ରରେ ଯୋଜନା କାର୍ଯ୍ୟକାରୀ କରାଇ ଅର୍ଥ ହରିଲୁଟ ହେଉଥିବା ସନ୍ଦେହ ହେଉଛି। ସମ୍ପୂର୍ଣ୍ଣ ତଥ୍ୟ ନ ମିଳିବା ପର୍ଯ୍ୟନ୍ତ ଏହି ଗଣଧାରଣା ଚାଲିବ ବୋଲି ସେମାନେ କହିଛନ୍ତି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ବିଭାଗୀୟ ପଦାଧିକାରୀ ଧାରଣାସ୍ଥଳକୁ ଆସିନାହାନ୍ତି।

## ନହୁଣୀରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ: ୧୧୬ ଅଭିଯୋଗ

ରାଜକନିକା,୨୬।୨ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଅଧୀନ ନହୁଣୀ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ପୃଥ୍ୱୀରାଜ ପରିଡ଼ା, ରାଜକନିକା ତହସିଲଦାର ଅଶୋକ କୁମାର ଦେହୁରୀ, ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ସମିତି ସଭ୍ୟ ଅଞ୍ଜନ ନାୟକ ପ୍ରମୁଖଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ୧୧୬ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ଆବାସ ଓ ଭତ୍ତା ଅନ୍ୟତମ। ଅଧିକାରୀମାନେ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜିଆର୍‌ଏସ୍ ମୋନାଲିସା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ରାମଚରିତ ମାନସ ପାଇଁ କଳସ ଶୋଭାଯାତ୍ରା

ଖଣ୍ଡପଡ଼ା,୨୬ା୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠରେ ସୋମବାରଠାରୁ ଶ୍ରୀ ରାମଚରିତ ମାନସ ଓ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ମୁଣ୍ଡିଆ ହନୁମାନଙ୍କ ପୀଠରେ ପହଞ୍ଚିଥିଲା। ୩ ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ନିକଟସ୍ଥ ରଥିଆ ବନ୍ଧରୁ ନୂତନ କଳସରେ ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆସନ୍ତା ୬ ତାରିଖ ଅପରାହ୍ନରେ ଶ୍ରୀ ରାମଚରିତ ମାନସ ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଖଣ୍ଡପଡ଼ା,୨୬ା୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ କଂସାରୀସାହି ପାଟଣା ଗ୍ରାମର ବିନୋଦ କୁମାର ସାହୁ(୭୧)ଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ରବିବାର ସନ୍ଧ୍ୟାରେ ତାଙ୍କ ଶରୀର ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ଜଣେ ଧର୍ମ ପରାୟଣ, ସରଳ ଓ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ । ତାଙ୍କର ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସୋମବାର ସମ୍ପନ୍ନ ହୋଇଛି।

# ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ଜଡ଼ିତ ୭ ଯୁବକ ଗିରଫ

## ବିଭିନ୍ନ ମାରଣାସ୍ତ୍ର,୧.୧୫ ଲକ୍ଷ ଟଙ୍କା ଜବତ

ଖଣ୍ଡପଡ଼ା,୨୬ା୨
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ପୋଲିସ ଖଣ୍ଡପଡ଼ା ଥାନା ଅଧୀନ ବାଣପୁର ଓ ସିଧାମୂଳା ଅଞ୍ଚଳରୁ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ କରୁଥିବା ୭ ଯୁବକଙ୍କୁ ଶନିବାର ଗିରଫ କରିଛି । ସେମାନଙ୍କଠାରୁ ଏକ ଦେଶୀ ବନ୍ଧୁକ, ୫ ବୋମା, ୨୦ ଗୁଳି, ଖଣ୍ଡା, ଭୁଜାଲି, ଲୁହାଛଡ଼ ଓ ନଗଦ ୧.୧୫ ଲକ୍ଷ ଟଙ୍କା ଜବତ କରିଛି । ଖଣ୍ଡପଡ଼ା ଥାନାଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ ଥାନା ପରିସରରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଥାନାଧିକାରୀ ଓ ଏସ୍ଆଇ ଉପେନ୍ଦ୍ର କୁମାର ଦିଗଲ କହିଛନ୍ତି, ଖଣ୍ଡପଡ଼ା ଓ କଣ୍ଟିଲୋ ଫାଣ୍ଡି ପୋଲିସ ସଦଳବଳେ ସିଧାମୂଳା ପଞ୍ଚାୟତ ଅଧୀନ ରାଜକିଆରୀ ଛକସ୍ଥିତ ଏକ ଭଡ଼ା ଘରେ ଶନିବାର ଅଚାନକ ଚଢାଉ କରିଥିଲେ। ଚଢାଉ ସମୟରେ ଉକ୍ତ ଘରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ, ଉପରୋକ୍ତ ମାରଣାସ୍ତ୍ରକୁ ପୋଲିସ



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତମାନଙ୍କ ସହ ଜବତ ମାରଣାସ୍ତ୍ର ଓ ଟଙ୍କା ।

ଜବତ କରିଥିଲା। ଉକ୍ତ ଭଡ଼ାଘରେ ଅପରାଧିମାନେ ରହି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ଚଢାଉ ସମୟରେ ପୋଲିସ ଖଣ୍ଡପଡ଼ା ଥାନା ଅଧିନ ବାଣପୁର ଗ୍ରାମର ବିନୋଦ ପ୍ରଧାନ, ତାଙ୍କର ୨ ଭାଇ ପ୍ରମୋଦ ପ୍ରଧାନ, ସାନନ୍ଦ ପ୍ରଧାନ, ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ କପାସିଆ ଗ୍ରାମର ରିତେସ୍ କୁମାର ପ୍ରଧାନ, ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଧୀନ କଇଁଥପଲ୍ଲୀ ଗ୍ରାମର ଜଗନ୍ନାଥ ନାୟକ, ବୌଦ୍ଧ ଜିଲା ଅଧୀନ ଡ଼ିମିରିଝର ଗ୍ରାମର ପୁରେନ୍ଦ୍ର ପ୍ରଧାନଙ୍କ ସମେତ ସିଧାମୂଳା ଗ୍ରାମର ପ୍ରହଲ୍ଲାଦ ମଲିକଙ୍କୁ ଗିରଫ କରିଥିଲା । ତେବେ ପୋଲିସ ଚଢାଉ ସମୟରେ ଅପରାଧିଙ୍କ ଅନ୍ୟ କେତେକ ସହଯୋଗୀ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ସିଧାମୂଳା ଗ୍ରାମର ପ୍ରହଲ୍ଲାଦ ପୋଲିସ ବିଭାଗର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସି ଧାରା ୩୯୯, ୪୦୨, ୩୪ ସହ ଆର୍ମସ ଆକ୍ଟର ୨୫ ଓ ୨୭, ବିସ୍ଫୋରକ ପଦାର୍ଥ ଆଇନର ୩, ୪ ଅନୁଯାୟୀ ଏକ ମାମଲା ରୁଜୁ କରି ଅପରାଧୀମାନଙ୍କୁ ସୋମବାର କୋର୍ଟ ଚାଲାଣ କରିଛି । କୋର୍ଟରେ ଜାମିନ୍ ନାମଞ୍ଜୁର ହେବା ପରେ ସମସ୍ତଙ୍କୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି। ଗିରଫ ଯୁବକମାନେ ଅନ୍ୟ କେଉଁ କାର୍ଯ୍ୟକଳାପରେ ସମ୍ପୃକ୍ତ ସେ ସମ୍ପର୍କରେ ପୋଲିସ ତନାଘନା ଚଳାଇଛି। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ଥାନାଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି ।

# କଣ୍ଟିଲୋରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨୬ା୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ସୋମବାର ଅନୁଷ୍ଠିତ ହୋଇଛି । ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ବରିଷ୍ଠ ବିଜେଡି ନେତା ଅଖିଳ କୁମାର ମହାରଣା, ବାଣପୁର, ବୋଦସା ସରପଞ୍ଚ ପ୍ରଦୀପ କୁମାର କର, ସର୍ବେଶ୍ୱର ସ୍ୱାଇଁ, ପୂର୍ବତନ



ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀ ।

ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସମିତି ସଭ୍ୟ ସଦାଶିବ ପ୍ରଧାନ, ସରୋଜ ପଣ୍ଡା, ବବୁ ପଟ୍ଟନାୟକ, ପୂଜକ ସମାଜ ଉପଦେଷ୍ଟା ନିହାର ରଞ୍ଜନ ମିଶ୍ର, ସରୋଜ କୁମାର ସାହୁ, ଜନ୍ମେଜୟ ନାୟକଙ୍କ ସମେତ ବିଜେଡିର ବହୁ କର୍ମୀ, ସଙ୍ଗଠକ ଓ ପଞ୍ଚାୟତ ଜନପ୍ରତିନିଧିମାନେ ପଞ୍ଚାୟତ ପରିକ୍ରମା କରି ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ଲୋକମାନଙ୍କୁ କହିଥିଲେ। ଏଥିସହିତ ପ୍ରତି ଘରେ ଶଙ୍ଖ ଚିହ୍ନଥିବା ଏକ ପୋଷ୍ଟର ମରାଯାଇଥିଲା । ଏହି ଅବସରରେ ସମସ୍ତ କର୍ମୀ ଓ ନେତା ଏକ ଶୋଭାଯାତ୍ରାରେ କଣ୍ଟିଲୋ ମହିମା ଆଶ୍ରମ (ଟୁଙ୍ଗି) ଠାରୁ ବାହାରି ଶ୍ରୀ ନୀଳମାଧବ ଜୀଉଙ୍କ ସିଂହଦ୍ୱାର ଠାରେ ପହଞ୍ଚି ଥିଲେ । କଣ୍ଟିଲୋକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନଏସି ଘୋଷଣା କରିଥିବାରୁ ସେଠାରେ କେକ୍ କାଟି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

ନୟାଗଡ଼,୨୬ା୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ପରିସରରେ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ସୋମବାର ଉଦ୍‌ଘାଟିତ ହୋଇଛି । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପରେ ନୟାଗଡ଼ ବ୍ଲକର ପୂର୍ବତନ ସରପଞ୍ଚ, ସମିତି ସଭ୍ୟମାନଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ । ନୟାଗଡ଼ ବ୍ଲକ ଚେୟାରମ୍ୟାନ, ନୟାଗଡ଼ ବ୍ଲକର ଜିଲା ପରିଷଦ ସଭ୍ୟ ଓ ବିଡିଓ ଉପସ୍ଥିତ ଥିଲେ ।

# କଂଗ୍ରେସ ପକ୍ଷରୁ ଭାଜପା-ବିଜେଡି ମଧ୍ୟରେ ବାହାଘର



କଂଗ୍ରେସ କର୍ମୀମାନେ ଭାଜପା-ବିଜେଡି ବାହାଘରରେ ସାମିଲ ହୋଇଛନ୍ତି ।

ରଣପୁର,୨୬ା୨(ସୁକାନ୍ତ କିଶୋର ଡାକୁଆ)

ରଣପୁରସ୍ଥିତ ପଞ୍ଚୁଦଳ ପଡ଼ିଆଠାରେ ରଣପୁର କଂଗ୍ରେସ ପକ୍ଷରୁ ଭାଜପା-ବିଜେଡିର ବାହାଘର ରବିବାର ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜେଡି କରିଥିବା ଚିଟଫଣ୍ଡ, ଖଣି, ଡାଲି ଆଦି ମହାଦୁର୍ନୀତି ଭୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କ ଶରଣାପର୍ଣ୍ଣ ହୋଇଛନ୍ତି। କିନ୍ତୁ ବିଜେଡିର ବିଧାୟକ, ମନ୍ତ୍ରୀମାନେ ପ୍ରତିଦିନ ଲୋକ ଦେଖାଣିଆ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ବିରୋଧରେ ଗର୍ଜନ କରୁଛନ୍ତି। ରାଜ୍ୟର ଭାଜପା ନେତା ଓ କେନ୍ଦ୍ରମନ୍ତ୍ରୀ ରାଜ୍ୟ ବିଜେଡି ସରକାର ବିରୋଧରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଆରୋପ ଲଗାଇ ପ୍ରତିବାଦ କରୁଛନ୍ତି। ୨୪ବର୍ଷ କାଳ ଉଭୟ ଦଳ ସଲାସୁତାରା ହୋଇ ସରକାର ଚଳାଉଥିବା ବେଳେ ଏହାର ଜଳନ୍ତ ଉଦାହରଣ ନିକଟରେ ରାଜ୍ୟସଭା ନିର୍ବାଚନରେ ଭାଜପାର ଆବଶ୍ୟକ ସଂଖ୍ୟା ବିଧାୟକ ନ ଥାଇ ବିଜେଡି ସାହାଯ୍ୟରେ ଅଶ୍ୱନୀ ବୈଷ୍ଣବ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଉଭୟଦଳର ଏହି ଭିତିରି ଅସାଧୁ ମେଣ୍ଟକୁ ରାଜ୍ୟର ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ରଣପୁରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକଙ୍କ ବିବାହ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ସତ୍ୟରଞ୍ଜନ ମଉ୍ଳା, ପ୍ରଭାତ ମହାନ୍ତି, ବିଭୁତି କୁମାର ଜେନା, ଧ୍ରୁବ ଚରଣ ପରିଡା, ମିର. ଅବୁବକର ସିଦ୍ଦିକ, ପ୍ରକାଶ ଚନ୍ଦ୍ର ନାୟକ, ଅନିଲ ଛୁଆଳ ସିଂ, ମହେଶ୍ୱର ସାହୁ, ଗୋପାଳ ଖୁଣ୍ଟିଆ, ହୃଦାନନ୍ଦ କାଣ୍ଡି, ଦୀପ୍ତିକୃଷ୍ଣ ସାମନ୍ତରାୟ, ସୁରେଶ ମହାରଣା, ନିରଞ୍ଜନ ପ୍ରଧାନ, ବାସୁଦେବ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ରତ୍ନାକର ସାହୁ, ବିଶ୍ୱଜିତ ମହାନ୍ତି, ଅର୍ଜୁନ ମଉ୍ଳା, ପ୍ରକାଶ ମହାନ୍ତି ପ୍ରମୁଖ ଶତାଧିକ କଂଗ୍ରେସ କର୍ମକର୍ତ୍ତା ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିବାଦ କରିଥିଲେ।



# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରେଲ୍‌ୱେ ଓଭର ବ୍ରିଜ୍ ଶିଳାନ୍ୟାସ

ଯାଜପୁର/ଯାଜପୁର ରୋଡ(ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି),୨୬।୨:

- ୧୦୧.୪୯ କୋଟି ମଞ୍ଜୁର
- ରେଳ ବିଭାଗର ଟେଣ୍ଡର ସମ୍ପନ୍ନ
- ରାଜ୍ୟ ସରକାରଙ୍କ ଟେଣ୍ଡର ପ୍ରକ୍ରିୟା ଜାରି
- ୨ ଏକର ୪୦ ଡେସିମିଲ ଜମି ଅଧିଗ୍ରହଣ ହେବ

ଯାଜପୁର-କେନ୍ଦୁଝର ରୋଡ୍ ରେଲୱେ ଷ୍ଟେଶନର ଗୁଡ୍ସ ସେଡ ପରିସରରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡ୍‌ରେ ସାଇ ମନ୍ଦିର ନିକଟରେ ଏକ ରେଲୱେ ଓଭର ବ୍ରିଜ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ ରେଳ ବିଭାଗ ପକ୍ଷରୁ ୪୪ କୋଟି ୩୯ ଲକ୍ଷ ୨୧ ହଜାର ୬୫୯ ଟଙ୍କା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ୫୭ କୋଟି ୧୦ ଲକ୍ଷ ୬୭ ହଜାର ୨୫୦ ଟଙ୍କା ମଞ୍ଜୁର ହୋଇଛି। ଏଥିପାଇଁ ଆପୋଲୋ ଏଣ୍ଟରପ୍ରାଇଜେସ୍ ଠିକାସଂସ୍ଥାକୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ରେଲୱେ ବିଭାଗର ବ୍ରିଜ କାର୍ଯ୍ୟ ୧୮ ମାସ ମଧ୍ୟରେ ସାରିବାକୁ ଧାର୍ଯ୍ୟ ହୋଇଛି। ଏହାପରେ ଦୀର୍ଘଦିନର ଦାବି ରେଲୱେ ଓଭର ବ୍ରିଜ ନିର୍ମାଣ ଆଶା ପୂରଣ ହେବ ବୋଲି ମତପ୍ରକାଶ ପାଇଛି। ଏହାସହ ସାଇ ମନ୍ଦିର ଓ ଗୋପବନ୍ଧୁ ଛକ ନିକଟରେ ୨ଟି ରେଲୱେ ଗଳି ପୋଲ ନିର୍ମାଣ ଉପରେ ମୋହର ବାଜିଛି। ଏଥିପାଇଁ ପୂର୍ବରୁ ବ୍ୟାସନଗର ତହସିଲ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି।

ସୂଚନାଯୋଗ୍ୟ, ଯାଜପୁର ଜିଲାର ଅନ୍ୟତମ ସହର ବ୍ୟାସନଗର ପୌରାଞ୍ଚଳକୁ ରେଳଲାଇନ ଦୁଇ ଭାଗ କରିଛି। ଏହାର ପୂର୍ବ-ଉତ୍ତର ଦିଗରେ ମୁଖ୍ୟ ସହର ରହିଥିବାବେଳେ ବିପରୀତ ଦିଗରେ ଡାକ୍ତରଖାନା, କେନ୍ଦ୍ରୀୟ ବିଦ୍ୟାଳୟ, ଏନ୍‌ସି ହାଇସ୍କୁଲ, ପ୍ରାଣୀ ଚିକିତ୍ସାଳୟ, ବାଳିକା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଇତ୍ୟାଦି ଅନୁଷ୍ଠାନ ରହିଛି। ଏହାବାଦ୍ ପୌରାଞ୍ଚଳର ଗଣେଶ ବଜାର, ନିଉ ମାର୍କେଟ, ଝାଟିଆସାହି, ମହତାବ ନଗର, ଗୋଶାଳା, କୋପଣ୍ଡ, ମୁଣ୍ଡୋମାଳ, ଖଣ୍ଡାହତା, ବେଣୁପୁର ଆଦି ୱାର୍ଡଗୁଡ଼ିକ ରହିଛି। ଏହି ରେଳଲାଇନ ଉପରେ କୌଣସି ଫ୍ଲାଏ ଓଭର ବ୍ରିଜ କିମ୍ବା ଗଳି ପୋଲ ବା ଲିମିଟେଡ୍ ହାଇଟ ସବ୍‌ୱେ (ଏଲ୍‌ଏଚ୍‌ଏସ୍)



ରେଲୱେ ଓଭର ବ୍ରିଜ୍ ଶିଳାନ୍ୟାସ ଉତ୍ସବରେ ମଞ୍ଚାସୀନ ଅତିଥି।

ନିର୍ମାଣ ହୋଇ ନ ଥିବାରୁ ରେଲୱେ ଫାଟକ ସହରବାସୀଙ୍କ ପାଇଁ ଦୁଃଖ ବୋଲି ଅଭିହିତ କରାଯାଉଛି। ଏହିକ୍ରମରେ ସହରବାସୀଙ୍କ ପକ୍ଷରୁ ଏକାଧିକ ଥର ଦାବି, ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଆଦି କରାଯାଇଥିଲେ ହେଁ କିଛି ସୁଫଳ ମିଳିପାରିନାହିଁ। ତେବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନର ସାଇ ମନ୍ଦିର ନିକଟସ୍ଥ ରେଳ ଫାଟକରେ ଫ୍ଲାଇ ଓଭର ବ୍ରିଜ୍ ଏବଂ ଏଲ୍‌ଏଚ୍‌ଏସ୍ ନିର୍ମାଣ ପାଇଁ ନକ୍ସା ଅନୁମୋଦିତ ହୋଇଥିଲା। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ହୋଇ ପାରୁ ନ ଥିବାରୁ ଫ୍ଲାଏ ଓଭର ବ୍ରିଜ ଘୋଷଣାରେ ସୀମିତ ରହିଥିଲା। ଆଇନଜୀବୀ ଜିତେନ୍ଦ୍ର କୁମାର ପ୍ରତିହାରୀ କରିଥିବା ଜନସ୍ୱାର୍ଥ ମାମଲା ନମ୍ବର ୧୪୪୨୫/୧୪ ରାୟ ପରିପ୍ରେକ୍ଷୀରେ ରେଳ ବିଭାଗ ଯାଜପୁର ରୋଡ୍ ୧୪୨ ନମ୍ବର(ସାଇ ମନ୍ଦିର) ନିକଟ ରେଳ ଫାଟକ ନିକଟରେ ଓଭରବ୍ରିଜ୍ ଓ ସ୍ଥାନୀୟ ଗମନାଗମନ ପାଇଁ ରେଳ ଲାଇନ ତଳେ ଏକ ଗଳିପୋଲ ନିର୍ମାଣ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ଭାଗୀଦାରିରେ ଉପରୋକ୍ତ ଅର୍ଥ ମଞ୍ଜୁର ହୋଇ ସାରିଛି। ଫ୍ଲାଏଓଭର ବ୍ରିଜ ନିର୍ମାଣ ରାଜ୍ୟ ସରକାରଙ୍କ ସହଯୋଗ ଉପରେ ନିର୍ଭର କରୁଛି ଏବଂ ଗଳିପୋଲ ୬ ମାସରୁ ଏକ ବର୍ଷ ମଧ୍ୟରେ ନିଶ୍ଚିତ ଭାବରେ ନିର୍ମାଣ ହେବ ବୋଲି ପୂର୍ବରୁ ରେଳ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ତେବେ ଓଭର ବ୍ରିଜ ନିର୍ମାଣ ପାଇଁ ରେଳ ବିଭାଗର ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇ ସାରିଥିବାବେଳେ ଏଯାଏ ରାଜ୍ୟ ସରକାରଙ୍କ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ପ୍ରସ୍ତୁତ ନକ୍ସା ଅନୁସାରେ ଗୋଶାଳା ଛକଠାରୁ ଆରମ୍ଭ ହୋଇ ମହତାବ ନଗର ମନ୍ଦିର ପାର୍ଶ୍ୱ ଦେଇ ପ୍ଲଟ ଅଞ୍ଚଳ ପାଖରେ ରେଳଲାଇନ ଉପରେ ବ୍ରିଜ ନିର୍ମାଣ କରାଯିବ। ଏହାର ଅପର ପାର୍ଶ୍ୱରେ ଗାୟତ୍ରୀ ବିହାର ଦେଇ ଓଭର ବ୍ରିଜ ନିର୍ମାଣ କରିବାକୁ ଯୋଜନା ହୋଇଛି। ଏଥିପାଇଁ ପ୍ରାୟ ୨ ଏକର ୪୦ ଡେସିମିଲ ଜମି ଅଧିଗ୍ରହଣ କରାଯିବ। ଏଥିଯୋଗୁ ମହତାବନଗର ବସ୍ତିର ଏକାଧିକ ଘର ଭଙ୍ଗାଯିବାର ସମ୍ଭାବନା ରହିଛି। ତେବେ ଜମି ଅଧିଗ୍ରହଣ କରିବା ପରେ ସ୍ପଷ୍ଟ ସୂଚନା ମିଳିପାରିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି। ଭର୍ଚୁଆଲ କାର୍ଯ୍ୟକ୍ରମରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ ବଳ, ସିନିୟର ସେକ୍ସନ ଇଞ୍ଜିନିୟର ଏ.କେ. ସାହୁ ଓ ରେଳବିଭାଗର ଡେପୁଟି ଚିଫ୍ ଇଞ୍ଜିନିୟର ଶିଶିର କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଟାଷ୍ଟିଲ୍ କ୍ରୋମାଇଟ ଖଣିକୁ ୬ ପୁରସ୍କାର



ଟାଟା ଷ୍ଟିଲ୍‌ର ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

କାଳିଆପାଣି, ୨୬।୨(ଅସିତ ମହାନ୍ତ):

**ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ ସପ୍ତାହ**

୨୫ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ ସପ୍ତାହ ପାଳିତ ହୋଇଯାଇଛି। ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍‌ର ସୁକିନ୍ଦା କ୍ରୋମାଇଟ ଖଣି, ସାରୁଆବିଲ କ୍ରୋମାଇଟ ଖଣି ଓ କମର୍ଦ୍ଧା କ୍ରୋମାଇଟ ଖଣିକୁ ବିଭିନ୍ନ ବର୍ଗରେ ୬ଟି ପୁରସ୍କାର ପ୍ରଦାନ କରାଯାଇଛି। ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ ଓ ମିନେରାଲ୍ସ ଡିଭିଜନ ଅଧୀନରେ ପରିଚାଳିତ ସାରୁଆବିଲ କ୍ରୋମାଇଟ ଖଣିକୁ ସିଷ୍ଟମେଟିକ ଆଣ୍ଡ ସାଇଣ୍ଟିଫିକ ଡେଭେଲପମେଣ୍ଟ ବର୍ଗରେ ପ୍ରଥମ, ସଷ୍ଟେନେବଲ ଡେଭେଲପମେଣ୍ଟ ବର୍ଗରେ ପ୍ରଥମ, ଓଭରଅଲ ପରଫରମାନ୍ସ ବର୍ଗରେ ପ୍ରଥମ ଓ ଚାରାରୋପଣ ବର୍ଗରେ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ବର୍ଜ୍ୟବସ୍ତୁ ପରିଚାଳନାରେ କମ୍ପାନୀର ସୁକିନ୍ଦା କ୍ରୋମାଇଟ ଖଣି ପ୍ରଥମ ପୁରସ୍କାର ହାସଲ କରିଥିବାବେଳେ ପୁନରୁଦ୍ଧାର ଓ ପୁନର୍ବାସ ବର୍ଗରେ କମର୍ଦ୍ଧା କ୍ରୋମାଇଟ ଖଣି ପ୍ରଥମ ପୁରସ୍କାର ହାସଲ କରିଛି। ଏନେଇ ଫେରୋ ଆଲଏଜ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି, କର୍ମଚାରୀଙ୍କ କର୍ତ୍ତବ୍ୟ, ନିଷ୍ଠା ଯୋଗୁ ଏହି ସଫଳତା ମିଳିଛି। ଦୀର୍ଘସ୍ଥାୟୀ ଖଣି ଅଭ୍ୟାସ ପ୍ରତି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବାରେ ଏହା ଆମ ଟିମ୍‌କୁ ପ୍ରେରଣା ଦେବ। ଏହି ସମ୍ମାନ ପାଇଁ ସମସ୍ତ ଜୁରି ସଦସ୍ୟଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ସପ୍ତାହବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମର ପୁରସ୍କାର ପ୍ରଦାନ ସମାରୋହରେ ଟାଟା ଷ୍ଟିଲ୍‌ର ସୁକିନ୍ଦା କ୍ରୋମାଇଟ ଖଣି ମୁଖ୍ୟ ଶମ୍ଭୁନାଥ ଝା, ସାରୁଆବିଲ ଓ କମର୍ଦ୍ଧା କ୍ରୋମାଇଟ ଖଣି ମୁଖ୍ୟ ନବୀନ ଶ୍ରୀବାସ୍ତବ, କମ୍ପାନୀର ବରିଷ୍ଠ ଅଞ୍ଚଳ ପ୍ରବନ୍ଧକ ନିହାର ମିତ୍ର, ରାଜେଶ ଏକ୍କା, ବିରାଜ ଭରଲେକର୍, ବରିଷ୍ଠ ପ୍ରବନ୍ଧକ ଅରିନ୍ଦମ ପାଣି, ସହପ୍ରବନ୍ଧକ ବିଶ୍ୱରଞ୍ଜନ ଧଳ ଓ ତିନୋଟି ଖଣିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭୁଲ୍ ସଂଶୋଧନ କଲା ଶିକ୍ଷା ବିଭାଗ

**ସ୍କୁଲରେ ଶାସ୍ତ୍ରୀୟ ଶିକ୍ଷୟିତ୍ରୀ ଜଣେ ନାମ ୨ଟା ପ୍ରସଙ୍ଗ**

ପାରାଦୀପ, ୨୬।୨(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ପୌରାଞ୍ଚଳରେ ଥିବା ସରକାରୀ ସ୍କୁଲଗୁଡ଼ିକରେ ଅନେକ ଅନିୟମିତତା ହେଉଥିବା ସୂଚନା ଅଧିକାର ଆଇନ ଜରିଆରେ ଜଣାପଡିଛି। ସେମିତି ଏକ ଘଟଣାକୁ ନେଇ ଗତ ୧୫।୨।୨୪ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଘଟଣା ଉପରେ ସୋମବାର ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ସମଗ୍ର ଶିକ୍ଷା ନିରଞ୍ଜନ ବେହେରା ଏକ ଚିଠି (୩୧୦/ଫାଇଲ ନଂ. ୨୦/୩୪/୨୩) ଜରିଆରେ ଶିକ୍ଷା ବିଭାଗର ତ୍ରୁଟି ସଂଶୋଧନ ଉପରେ ଦର୍ଶାଇଛନ୍ତି। ଅର୍ଥାତ୍ ଯେଉଁ ଦୁଇଟି ନାମ ଅଲଗା ଅଲଗା ଚିଠିରେ ଦର୍ଶାଯାଇଥିଲା, ତାହା ଗୋଟିଏ ବୋଲି ଉଲ୍ଲେଖ କରାଯାଇଛି। ପାରାଦୀପ ନୂଆବଜାରରେ ଥିବା ସଞ୍ଜୟ ଗାନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟ ଶାସ୍ତ୍ରୀୟ ଶିକ୍ଷୟିତ୍ରୀ ଉଷାରାଣୀ ସିହ୍ନା ବୋଲି ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ସୂଚନା ଅଧିକାର ଆଇନ ଜରିଆରେ ପାରାଦୀପର ସମସ୍ତ



File No.SAMSIK-20/34/2023-GIRLS EDUCATION SECTION-SS-SS.JAGATSINGHPUR

SAMAGRA SHIKSHA, JAGATSINGHPUR

Letter No 310 Dated 16-2-24

Sub: Regarding rectification of name of Classical Teacher, Sanjay Gandhi Govt. High School, Paradeep.

Memo No 311 Dated 16-2-24

Memo No 312 Dated 16-02-24

ସରକାରୀ ସ୍କୁଲ ସମ୍ପର୍କରେ ଧରିତ୍ରୀ ପ୍ରତିନିଧି ଶରତ ରାଉତ ୮ଟି ପ୍ରଶ୍ନର ଉତ୍ତର ଶିକ୍ଷା ବିଭାଗ କମିଶନରଙ୍କଠାରୁ ମାଗିଥିଲେ। ଏନେଇ ଶିକ୍ଷା ବିଭାଗ ବର୍ଷକ ମଧ୍ୟରେ ୩୦ରୁ ଅଧିକ ଚିଠି ଦେଇ ସାରିଲେଣି। ସବୁଥିରେ ଭିନ୍ନ ଭିନ୍ନ ସୂଚନା ମିଳିଛି। ଯଥା ସଞ୍ଜୟ ଗାନ୍ଧୀ ସରକାରୀ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ତାଲିକାରେ ବିଇଓ (ମଣ୍ଡଳ ଶିକ୍ଷାଧିକାରୀ କୁଜଙ୍ଗ) ଦର୍ଶାଇଥିଲେ ଶାସ୍ତ୍ରୀୟ ଶିକ୍ଷୟିତ୍ରୀ ଉଷାରାଣୀ ସିହ୍ନା। ଡିଇଓ ଅଲଗା ଚିଠିରେ ଦର୍ଶାଇଥିଲେ ଗୀତାଞ୍ଜଳି ସିଂହ। ଏହି ଘଟଣା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଭୁଲ୍ ସଂଶୋଧନ କରାଯାଇଛି।

# ୬୦ ଅଭିଯୋଗ, ୩୧ର ତତ୍କାଳ ସମାଧାନ

ବିଞ୍ଝାରପୁର, ୨୬।୨(ରାମକୃଷ୍ଣ ଦାସ):

**ବିଞ୍ଝାରପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି**

ବିଞ୍ଝାରପୁର ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ନବକିଶୋର ଜେନା ଅଧ୍ୟକ୍ଷତା କରିବା ସହ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ନ୍ୟାୟିକ ବ୍ୟବସ୍ଥାରେ ଲୋକଙ୍କ ଅଧିକାରକୁ ପ୍ରାଧାନ୍ୟ ଦେବା ଏବଂ ଅଭିଯୋଗଗୁଡିକୁ ତ୍ୱରିତ ସମାଧାନ କରି ପରିଚାଳନାରେ ସ୍ଥିରତା, ସ୍ୱଚ୍ଛତା ଆଣିବା ଏହି ଶିବିରର ଆଭିମୁଖ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଶିବିରରେ ଆବାସ ଯୋଜନା, ଚିକିତ୍ସା ସହାୟତା ଓ ଜଳ ଯୋଗାଣ ସମ୍ବନ୍ଧୀୟ ମୋଟ୍ ୬୦ ଆପତ୍ତି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୯ ବ୍ୟକ୍ତିଗତ, ୩ ସାମୂହିକ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସାହାଯ୍ୟ ପାଇଁ ୧୮ ଓ ରେଡ୍‌କ୍ରସ ସହାୟତା ପାଇଁ ୨୦ ଆବେଦନପତ୍ର ମିଳିଥିଲା। ତତ୍କାଳ ୩୧ ଅବେଦନର ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଶୁଭେନ୍ଦୁ ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ ବେହୁରିଆ, ବିଡିଓ ଦିବ୍ୟେନ୍ଦୁ ଦାସ ଓ ତହସିଲଦାର କୈଳାସ ଚନ୍ଦ୍ର ମହାଲିକଙ୍କ ସହ ଜିଲା ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ବିଞ୍ଝାରପୁର, ୨୬।୨(ରାମକୃଷ୍ଣ ଦାସ):

ବିଞ୍ଝାରପୁର ଥାନା ପୋଲିସ ବ୍ରାଉନସୁଗାର କାରବାରବେଳେ ଜଣେ ବିକ୍ରେତାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କ ନିକଟରୁ ୭.୨୯୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ଗିରଫ ଅଭିଯୁକ୍ତ ହେଲେ ରଘୁନାଥପୁର ଗ୍ରାମର କୈଳାସ ମଲ୍ଲିକ(୩୭)। ଶନିବାର ରାତିରେ ନାଇଟ ପାଟ୍ରୋଲିଂ ବେଳେ ଆଇଆଇସି ଅଂଶୁମାଳା ଦାସ କଏଣାରଘୁନାଥପୁର ଅଞ୍ଚଳର ମୁଖ୍ୟ ରାସ୍ତାର ଅନତି ଦୂରରେ ଥିବା ଏକ ଇଟାଭାଟି ନିକଟରେ କେତେଜଣ ଯୁବକ ରୁଣ୍ଡ ହୋଇଥିବା ଦେଖି ଚଢ଼ାଉ କରିଥିଲେ। ଚଢ଼ାଉବେଳେ ପୋଲିସ ସେଠାରେ ବ୍ରାଉନସୁଗାର ସେବନ ଓ ବିକ୍ରୟ କରାଯାଉଥିବା ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ନଂ.୧୩୯/୨୪ରେ ଏକ ମାମଲା ରୁଜୁ ହୋଇଛି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଂଗ୍ରାମ



@ ଆଶିଷ



@ କୁମାର



@ ଦେବାଶିଷ



@ ସତ୍ୟନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାରସ୍ୱତ ସାହିତ୍ୟ ସାଧିକା ନିର୍ମଳପ୍ରଭାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**ସାୟାନର ସ୍ମୃତି ପୁସ୍ତକ ଲେଖିଥିଲେ**

ପାଟକୁରା, ୨୬।୨ (ରବୀନ୍ଦ୍ରନାଥ ବାରିକ)

ସୁନାମଧନ୍ୟା ସାହିତ୍ୟ ସାରସ୍ୱତ ସାଧିକା, ଆଦର୍ଶ ଶିକ୍ଷୟିତ୍ରୀ, ପାଟକୁରାର ପୂର୍ବତନ ବିଧାୟକ ତଥା ଗାନ୍ଧୀବାଦୀ ନେତା ସ୍ୱର୍ଗତ ରାଜକିଶୋର ନାୟକଙ୍କ ଧର୍ମପତ୍ନୀ ନିର୍ମଳପ୍ରଭା ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ତାଙ୍କ ଅରିଲୋ଼ସ୍ଥିତ ବାସଭବନରେ ସୋମବାର ପାଳିତ ହୋଇଯାଇଛି। ମହାକାଳପଡ଼ା, ପାଟକୁରା ନିର୍ବାଚନମଣ୍ଡଳୀ ତଥା ଅନ୍ୟ ଅଞ୍ଚଳରୁ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଶୁଭେଚ୍ଛୁ ଯୋଗଦେଇ ନିର୍ମଳପ୍ରଭାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନିର୍ମଳପ୍ରଭାଙ୍କ ସାୟାନର ସ୍ମୃତି ପୁସ୍ତକ ବେଶ୍ ଲୋକାଦୃତ ହୋଇଥିଲା। ରାଜ୍ୟର ଅନେକ ନେତୃ ସ୍ଥାନୀୟ ବ୍ୟକ୍ତି ମଧ୍ୟ ଉକ୍ତ ସମାବେଶରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଭଜନ ପରିବେଷଣ ଓ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମା'ଙ୍କୁ ଶ୍ରଦ୍ଧାସୁମନ ଜଣାଇ ମା' ସଙ୍ଗୀତକୁ ଖୁବ୍ ଭଲ ପାଉଥିଲେ ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ପ୍ରତାପ ଜେନା, ପୂର୍ବତନ ବିଧାୟକ କିଶୋର ତରାଇ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ସାମାଜିକ କର୍ମୀ ଅଜୟ ରାଉତ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିକାଶ ମହାପାତ୍ର, ରାଜ୍ୟ ପାଣିପାଗ ବିଭାଗ ବୈଜ୍ଞାନିକ ସରୋଜ ସାହୁ, ଖବରଦାତା ଅମ୍ବିକା ପ୍ରସାଦ ଦାସ, ପ୍ରହ୍ଲାଦ କୁମାର ସିଂ, କେନ୍ଦ୍ରାପଡ଼ା ଜିଲା ବିଜେଡି ସଭାପତି ଧୀରେନ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ଭୁବନେଶ୍ୱର ହାଇଟେକ୍ ମେଡ଼ିକାଲର ତତ୍ତ୍ୱାବଧାରକ ତିରୁପତି ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷ, ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚଙ୍କ ସମେତ ମିଶନ ଶକ୍ତିର ମହିଳାମାନେ ସାରସ୍ୱତ ସାଧିକା ନିର୍ମଳପ୍ରଭାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ଯୁବକମାନେ ଅକ୍ଳାନ୍ତ ପରିଶ୍ରମ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ କରାଇଥିବାରୁ ମନ୍ତ୍ରୀ ନାୟକ ଓ ବଡ଼ଭାଇ ଶାନ୍ତନୁ ନାୟକ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମା'ଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ଓଡ଼ିଆ ଭାଷା ହେଉଛି ଏକ ଉଚ୍ଛୁଳା ନଦୀ

**ଚେନ୍ନାଇରେ ପ୍ରବାସୀ ଓଡ଼ିଆ ପାଳିଲେ ମାତୃଭାଷା ଦିବସ**

ପଟ୍ଟାମୁଣ୍ଡାଇ, ୨୬।୨(କଳ୍ପତରୁ ନାୟକ)

ଚେନ୍ନାଇରେ ଭାରତ ଭାରତୀ ପକ୍ଷରୁ ମାତୃଭାଷା ଦିବସ-୨୦୨୪ ପାଳନ ହୋଇଯାଇଥିବା ବେଳେ ଦୀର୍ଘବର୍ଷ ହେବ ସେଠାରେ ରହୁଥିବା ପ୍ରାବାସୀ ଓଡ଼ିଆ ଏହି ମାତୃଭାଷା ଦିବସକୁ ବହୁ ଆଡମ୍ବର ସହକାରେ ପାଳନ କରିଛନ୍ତି। ଏ ନେଇ ଚେନ୍ନାଇରେ ବସବାସ କରୁଥିବା ଭାରତର ୨୨ ରାଜ୍ୟର ଲୋକେ ନିଜନିଜ ଭାଷାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଓଡ଼ିଶାବାସୀଙ୍କ ଦ୍ୱାରା ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶାର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଜଗନ୍ନାଥଙ୍କ ବନ୍ଦନା ସହ ଓଡ଼ିଶାର କୁନିକୁନି ପିଲାମାନଙ୍କୁ ନେଇ ଓଡ଼ିଶୀ ନୃତ୍ୟ ଓ ପାରମ୍ପରିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଚେନ୍ନାଇରେ ରହୁଥିବା ଓଡ଼ିଶାର ଆଇଟି ଇଞ୍ଜିନିୟର ଗାୟତ୍ରୀ ଭୂପତି ଓ ତାମସା ରାଉତ ପରିଚାଳନା କରି ଭାଷା ଏକ ନଦୀ ହେଲେ ଓଡ଼ିଆ ଭାଷା ହେଉଛି ଏକ ଉଚ୍ଛୁଳା ନଦୀ। ମାତୃଭାଷା ଦିବସ ପାଳନ ଅବସରରେ ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ମାତୃଭାଷାର ପ୍ରଚାରରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱ। ଓଡ଼ିଆ ଭାଷାର ପ୍ରଚାର ପାଇଁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ନଳିନୀକାନ୍ତ ମହାନ୍ତି, ଶିବ ଶଙ୍କର ନାୟକ ଓ ନିଲୁ ପ୍ରଧାନ ପରିଚାଳନା କରିଥିଲେ। ଚେନ୍ନାଇର ରହୁଥିବା ପ୍ରବାସୀ ଓଡ଼ିଆ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମତରେ, ଓଡ଼ିଶା ବାହାରେ ସମଗ୍ର ବିଶ୍ୱରେ ଆମର ଏକମାତ୍ର ପରିଚୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମାତୃଭାଷା ଓଡ଼ିଆ। ଉଭୟେ ଆମକୁ ଏଠାକୁ ଟାଣି ଆଣନ୍ତି। ଏହା ହିଁ ଆମକୁ ଏକାଠି କରାଇ ପାରିଛନ୍ତି। ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ଓଡ଼ିଆମାନେ ଏକାଠି ହୋଇ ମାତୃଭାଷା ଦିବସ ପାଳନ କରିବା କୌଣସି ମହାର୍ଘ ସୁଯୋଗଠାରୁ କମ୍ ନୁହେଁ।



ଚେନ୍ନାଇରେ ଅତିଥିଙ୍କ ଗହଣରେ ଓଡ଼ିଶୀ କଳାକାରମାନେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଧାୟକ ହଟହଟା

## ପଞ୍ଚାୟତ ବିଜେଡି ସଭାପତିଙ୍କୁ ମଞ୍ଚରେ ବସାଇବାକୁ ନେଇ ବିବାଦ

ରଣପୁର,୨୬।୨(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁରସ୍ଥିତ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ରାଜ୍ୟ ସରକାରଙ୍କ ତରଫରୁ ଚାଲିଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ଅତିଥି ଥିଲେ। ହେଲେ ସେ ଗୋପାଳପୁର ପଞ୍ଚାୟତର ବିଜେଡି ସଭାପତିଙ୍କୁ ଅତିଥି ଭାବେ ମଞ୍ଚରେ ବସାଇବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ନେଇ ବିଧାୟକଙ୍କୁ ହଟହଟା ହେବାକୁ ପଡିଥିଲା। ମଞ୍ଚ ସମ୍ମୁଖରେ ବସିଥିବା ଲୋକମାନଙ୍କ ସହିତ ଜିଲା ପରିଷଦ ସଭ୍ୟାମାନେ ହୋହାଲ୍ଲା କରି ଏହାକୁ ବିରୋଧ କରିଥିଲେ। ଏହାପରେ ସଭାପତିଙ୍କୁ ମଞ୍ଚ ଉପରୁ ହଟାଇ ଦିଆଯାଇଥିଲା । ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ସଭାକାର୍ଯ୍ୟ ପୁଣି ଥରେ ଆରମ୍ଭ ହୋଇଥିଲା।


ପଞ୍ଚାୟତ ସଭାପତିଙ୍କୁ ମଞ୍ଚରୁ ଓହ୍ଲାଇବାକୁ ଦାବି କରି ଲୋକମାନେ ପାଟିତୁଣ୍ଡ କରୁଛନ୍ତି ।

ସୂଚନା ଅନୁଯାୟୀ, ରବିବାର ଗୋପାଳପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ମହାପାତ୍ର, ସରପଞ୍ଚ ସୁଜାତା ସେଠୀ ଓ ସମସ୍ତ ୱାର୍ଡସଭ୍ୟଙ୍କ ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା ଉପସ୍ଥିତ ଥିଲେ। ଏହା ଏକ ସରକାରୀ କାର୍ଯ୍ୟକ୍ରମ ଥିଲା। ହେଲେ ଗୋପାଳପୁର ବିଜେଡି ସଭାପତି ସଦାଶିବ ନନ୍ଦଙ୍କୁ ବିଧାୟକ ଅତିଥି ଭାବେ ଡାକି ମଞ୍ଚରେ ବସାଇଥିଲେ। ଏହାକୁ ଦେଖି ଗୋପାଳପୁର ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତାରାଇଙ୍କ ସହିତ ମଞ୍ଚ ସମ୍ମୁଖରେ ଥିବା ଲୋକମାନେ ବିରୋଧ କରିଥିଲେ। ତାଙ୍କୁ କାହିଁକି ମଞ୍ଚରେ ବସା ଯାଇଛି ବୋଲି ପ୍ରଶ୍ନ କରିଥିଲେ । ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ କାହିଁକି ଜଣେ ଦଳୀୟ ନେତାଙ୍କୁ ମଞ୍ଚାସୀନ କରାଗଲା ବୋଲି ସେମାନେ କହିବା ସହ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖା ଦେଇଥିଲା । ସେ ମଞ୍ଚରୁ ଓହ୍ଲାଇଲେ ସଭା କାର୍ଯ୍ୟ ଚାଲିବ ବୋଲି ଲୋକମାନେ କହିଥିଲେ। ସ୍ଥାନୀୟ ସରପଞ୍ଚ ମଧ୍ୟ ଏହି ଦାବିକୁ ସମର୍ଥନ କରିଥିଲେ । ଏହାକୁ ନେଇ ସ୍ଥାନୀୟ ବିଧାୟକଙ୍କୁ ହଟହଟା ହେବାକୁ ପଡିଥିଲା। ବିଧାୟକ କହିବା ପରେ ପଞ୍ଚାୟତ ସଭାପତି ମଞ୍ଚରୁ ଓହ୍ଲାଇଥିଲେ। ଏହାପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏ ସଂକ୍ରାନ୍ତରେ ବିଧାୟକ ପ୍ରଧାନଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ। ଏ ନେଇ ଗୋପାଳପୁର ଜିଲା ପରିଷଦ ସଭ୍ୟା ତାରାଇଙ୍କୁ ପଚାରିବାରୁ ସେ କୁହନ୍ତି, ଏହା ଏକ ସରକାରୀ କାର୍ଯ୍ୟକ୍ରମ। ବିଧାୟକ ସବୁ ଜାଣିଶୁଣି ତାଙ୍କ ଦଳର ଜଣେ ନେତାଙ୍କୁ ଆଣି ଅତିଥି କରି ମଞ୍ଚରେ ବସାଇଥିଲେ । ସେଥିପାଇଁ ଏପରି ପରିସ୍ଥିତି ସୃଷ୍ଟି ହେଲା।

# ପାର୍ବତୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ

ନୂଆଗାଁ,୨୬।୨ (ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ମହିପୁରଠାରେ ସୋମବାର ପାର୍ବତୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହିପୁର ନିମସାହିଠାରେ ପୂର୍ବରୁ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ରହିଥିବା ବେଳେ ସୋମବାର ପାର୍ବତୀ ମନ୍ଦିର ପ୍ରତିଷ୍ଠା ସହ ମୂର୍ତ୍ତି ସ୍ଥାପନ କରି ମନ୍ଦିରର ପ୍ରାଣ ପ୍ରତିଷ୍ଠା କରାଯାଇଛି । ଏହି ଅବସରରେ ରବିବାର ଅଙ୍କୁରାରୋପଣ କରାଯାଇ ୧୦୮ କଳସ ଯାତ୍ରାରେ ଆସି ମହିଳାମାନେ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ । ସୋମବାର ମନ୍ଦିର ପ୍ରତିଷ୍ଠା କରାଯାଇ ପାର୍ବତୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ମହିପୁର ଦଣ୍ଡ କମିଟି ସଦସ୍ୟଙ୍କ ସହଯୋଗରେ ନାମ ସଂକୀର୍ତ୍ତନ ଦିନ ତମାମ ଚାଲିଥିବା ବେଳେ ଉକ୍ତ ଉତ୍ସବ ୨ ଦିନ ଧରି ଚାଲିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଖରା ଆରମ୍ଭରୁ ପାଣି ପାଇଁ ଆନ୍ଦୋଳନ


ପାଣି ପାଇଁ ଆନ୍ଦୋଳନରେ ସାମିଲ ହୋଇଥିବା ମହିଳା ପୁରୁଷ ।

ନୂଆଗାଁ,୨୬।୨(ଧନେଶ୍ୱର ସାହୁ)

ଖରା ଆରମ୍ଭରୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଣି ସମସ୍ୟା ଦେଖା ଦେଲାଣି । ପାଣିର ଅଭାବ ଦୂର କରିବା ଦାବିରେ ବାହାଡାଖୋଲା ପଞ୍ଚାୟତ ଆଗରେ ସୋମବାର ଶତାଧିକ ମହିଳା ପୁରୁଷ ଆନ୍ଦୋଳନ କରିଥିଲେ । ମିଳିଥିବା ସୂଚନା ମୁତାବକ ନୂଆଗାଁ ବ୍ଲକ ବାହାଡାଖୋଲା ପଞ୍ଚାୟତର ୮ ୱାର୍ଡରେ ପାଣି ସମସ୍ୟା ରହିଛି । ଲୋକମାନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତେଣୁ ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପାଣି ସମସ୍ୟା ଦୂର କରିବା ପାଇଁ ବାହାଡ଼ାଖୋଲା ଗ୍ରାମବାସୀଙ୍କ ଅଭିଯୋଗ ପତ୍ରକୁ ସମିତି ସଭ୍ୟ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପ୍ରଦାନ କରିଥିଲେ। ତେଣୁ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବାହାଡାଖୋଲାରେ ନୂତନ କୂଅ ବୋରିଂ କରିବା ନିଷ୍ପତ୍ତି ନେଇ ସୋମବାର ବାହାଖୋଲାରେ ଗାଡି ପହଞ୍ଚିଥିଲା। କିନ୍ତୁ ବୋରିଂ କୂଅ ଖୋଳିବା ପାଇଁ ସ୍ଥାନ ଚିହ୍ନଟ ହୋଇ ପାରି ନ ଥିଲା। ବାହାଡାଖୋଲା ବଡପଦା ସାହିର ଲୋକମାନଙ୍କ ନିକଟରେ ଜଳ ଯୋଗାଣ ପହଞ୍ଚିବାରେ ସମସ୍ୟା ହେଉଥିବାରୁ ବଡପଦାରେ ବୋରିଂ ଖୋଳିବା ପାଇଁ ଲୋକେ କହିବାରୁ ଏହାକୁ କେତେଜଣ ଲୋକ ବିରୋଧ କରିଥିଲେ। ଯାହାକୁ ନେଇ ଲୋକମାନଙ୍କ ମନରେ ଅସନ୍ତୋଷ ଦେଖା ଦେବା ସହ ସରପଞ୍ଚଙ୍କ ନିଷ୍ପତ୍ତିକୁ ଅପେକ୍ଷା କରି ଲୋକମାନେ ପଞ୍ଚାୟତ ଆଗରେ ବସି ରହିଥିଲେ। ବାହାଡାଖୋଲା ଫାଣ୍ଡି ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ସରପଞ୍ଚ ଓ ସମିତି ସଭ୍ୟ ଉଭୟଙ୍କ ନିଷ୍ପତ୍ତିକ୍ରମେ ବଡପଦା ନିକଟରେ ସ୍ଥାନ ନିରୂପଣ କରି ବୋରିଂ କରିବା ସ୍ଥିର ହେବା ପରେ ଲୋକମାନେ ଆନ୍ଦୋଳନରୁ ହଟିଥିଲେ।

# ସାରସ୍ୱତ ମିଳନରେ ୮୦ରୁ ଊର୍ଦ୍ଧ୍ୱ କବିତା ପାଠ


ସାରସ୍ୱତ ମିଳନ ଉତ୍ସବରେ ବିଧାୟକ ଅରୁଣ ସାହୁ ଓ କବୟିତ୍ରୀ,କବିମାନେ ମଞ୍ଚାସୀନ ।

ନୟାଗଡ଼,୨୬।୨(ଲୋକନାଥ ମିଶ୍ର)

## ସାହିତ୍ୟ ସଭାଗୃହ ଉଦ୍‌ଘାଟିତ

ନୟାଗଡ଼ ବ୍ଲକ ପରିସର ସଭାଗୃହକୁ ସୋମବାର ନୟାଗଡ଼ ବିଧାୟକ ଅରୁଣ ସାହୁ ଉଦ୍‌ଘାଟନ କରିଛନ୍ତି । ଏହି ସଭାଗୃହ ସାହିତ୍ୟ ସଭା ପାଇଁ ଉତ୍ସର୍ଗ ହେଲା ବୋଲି ଘୋଷଣା କରିଛନ୍ତି ।ସୋମବାର ସନ୍ଧ୍ୟାରେ ନୟାଗଡ଼ ସହରରେ ଥିବା ବିଭିନ୍ନ ସାହିତ୍ୟ ଅନୁଷ୍ଠାନକୁ ନେଇ ସାରସ୍ୱତ ମିଳନ ପର୍ବ ନୟାଗଡ଼ ସଭାଗୃହରେ ଆୟୋଜନ ହୋଇଥିଲା। ଏଥିରେ ବିଧାୟକ ସାହୁ ଯୋଗଦେଇ ସାହିତ୍ୟ ଜୀବନକୁ ସରସ ସୁନ୍ଦର ଓ ସାବଳୀଳ କରିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ବ୍ଲକ ଶିକ୍ଷା ଅଧିକାରୀ ନିମାଇଁ ପ୍ରଧାନ, ନାଟ୍ୟଭୂଷଣ ବିଜୟ କୁମାର ଚୌଧୁରୀ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ,ନାଟ୍ୟକାର ପ୍ରଧାନୀ ବୃନ୍ଦାବନ ମହାପାତ୍ର, କବୟିତ୍ରୀ ସୁକାନ୍ତି ମହାନ୍ତି, ଅନୁବାଦକ ଶରତ ଆଚାର୍ଯ୍ୟ, କବି ଗୋଦାବରୀଶ ମିଶ୍ର, ଗାଳ୍ପିକ ଆଶୁତୋଷ ମିଶ୍ର ଯୋଗଦେଇଥିଲେ । ନୟାଗଡ଼ ସହରରେ ଥିବା ୧୭ଟି ସାହିତ୍ୟ ଅନୁଷ୍ଠାନ ଏହି ସାରସ୍ୱତ ମିଳନର ଆବାହକ ଥିଲେ। ସାରସ୍ୱତ ସଭାରେ ବରିଷ୍ଠ ଶିଶୁ ସାହିତ୍ୟିକା ବସିରନ ବିବି ଅଧ୍ୟକ୍ଷତା କରିଥିବା ବେଳେ କବି ଗୋପୀନାଥ ସେଠୀ ସ୍ୱାଗତ ଅଭିଭାଷଣ ରଖିଥିଲେ । କବି ତଥା ଜିଲା ଲେଖକ ପରିଷଦ ସମ୍ପାଦକ ଶେଖ ଅବଦୁଲ ଖାଲିକଙ୍କ ସଂଯୋଜନାରେ ସାରସ୍ୱତ ମିଳନ ପର୍ବ ସମାହିତ ହୋଇଥିଲା । କବି ଅଶୋକ ମଲ୍ଲ ଓ କବୟିତ୍ରୀ ଜୟଶ୍ରୀ ଦେବୀ କବିତା ସଂଯୋଜନା କରିଥିଲେ । ପରମ୍ପରାର ସମ୍ପାଦକ ଡ. ନିର୍ମଳ ଚନ୍ଦ୍ର ଶୁରଦେଓ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ କବିତା ପାଠ କରାଯାଇଥିଲା । ସୂଚନାଯୋଗ୍ୟ, ସାହିତ୍ୟ ଉତ୍ସବ ଆୟୋଜନ ପାଇଁ ୨ଶହ ସ୍ଥାନ ବିଶିଷ୍ଟ ପ୍ରେକ୍ଷାଳୟର ଆବଶ୍ୟକତା ଥିଲା। ଏଭଳି ସଭାଗୃହ ପାଇଁ ନୟାଗଡ଼ର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ତରଫରୁ ବିଧାୟକଙ୍କ ନିକଟରେ ଦାବି କରାଯାଇଥିଲା । ନୟାଗଡ଼ ବିଧାୟକ ଉଦ୍ୟମରେ ସ୍ଥାନୀୟ ପଞ୍ଚାୟତ ସମିତି ପରିସରରେ ଏହି ସଭାଗୃହ ଉଦ୍‌ଘାଟନ କରାଯାଇଥିଲା।

# ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ

ଖଣ୍ଡପଡ଼ା,୨୬।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ଲକ୍ଷ୍ୟ ନେଇ ନବ ନିର୍ମିତ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ସୋମବାର ଅପରାହ୍ନରେ ଲୋକାର୍ପଣ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିଷାର ପଣ୍ଡା, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋ, ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନ, ଜିଲା ସ୍ୱାସ୍ଥ୍ୟବିଭାଗର ବରିଷ୍ଠ ପଦାଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ। ସେହିପରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ସଦସ୍ୟା, କାଉନ୍‌ସିଲର ଓ ଖଣ୍ଡପଡ଼ା ସହରବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ନବ ନିର୍ମିତ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସଂଗ୍ରାମ


@ ଆଶିଷ


@ କୁମାର


@ ଦେବାଶିଷ


@ ସତ୍ୟନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନମୋହିଲା

ଖଣ୍ଡପଡ଼ା,୨୬।୨ (ଅଜୟ କୁମାର ମହାରଣା)

ରବିବାର ସନ୍ଧ୍ୟାରେ ମାଘମେଳା ମହୋତ୍ସବ-୨୦୨୪ ଉତ୍ସବମୁଖର ହୋଇଉଠିଥିଲା। ଏହି ଅବସରରେ ସ୍ଥାନୀୟ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରାଣକୃଷ୍ଣ ମହାରଣା ଓ କଟକ ମଙ୍ଗଳାବାଗ ଲୋକଶାସ୍ତ୍ର କଳା ପରିଷଦ ପକ୍ଷରୁ ପରିବେଷିତ ସମ୍ବଲପୁରୀ ନୃତ୍ୟ ଦେଖିବା ପାଇଁ ଦର୍ଶକମାନଙ୍କ ଭିଡ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା। ନିର୍ମଳ ସାହୁଙ୍କ ଦ୍ୱାରା ସ୍ୱରଚିତ କବିତା 'ଆମ ପାଇଁ ଭଲ ଆମ କଣ୍ଟିଲୋ' ଦର୍ଶକମାନଙ୍କୁ ଭାବବିହ୍ୱଳ କରିଥିଲା।

କଣ୍ଟିଲୋ ଗ୍ରାମ ପଞ୍ଚାୟତ ପକ୍ଷରୁ ଆୟୋଜିତ ଏହି ମହୋତ୍ସବର ୩ୟ ସନ୍ଧ୍ୟାରେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ପ୍ରଭାକର ଶିରୋମଣିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଦ୍ୟୁତ ବିଭାଗ ଯନ୍ତ୍ରୀ ତଥା ଭାରତୀ ନାଟ୍ୟ


ମାଘମେଳା ମହୋତ୍ସବରେ ମଞ୍ଚାସୀନ ଅତିଥି ।

ପରିଷଦର ପ୍ରତିଷ୍ଠାତା ସଦସ୍ୟ ଇଂ. କାଳିନ୍ଦୀ ଚରଣ ମହାରଣା ଯୋଗଦେଇ ମାନବସେବା ହିଁ ମାଧବ ସେବା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଶିଷ୍ଟ ଅତିଥି ଜିଲା ପରିଷଦ ସଦସ୍ୟା ଉଜ୍ଜଳ ମହାରଣା ଓ ନାଏବ ସରପଞ୍ଚ ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ମହୋତ୍ସବ ମାଧ୍ୟମରେ କିପରି ଭାଇଚାରା ତଥା ମଣିଷ ପଣିଆ ସୃଷ୍ଟି କରି ମାନବ ସମାଜର କଲ୍ୟାଣ କରି ହୁଏ

## ମାଘମେଳା ମହୋତ୍ସବ-୨୦୨୪

ସେ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷକରି ଠାକୁରଙ୍କ ମାଘମେଳାର ୪ଦିନ ପରେ ମଧ ଆଲୋକର ବ୍ୟବସ୍ଥା ନ ଥିବାରୁ ମୁଖ୍ୟ ଅତିଥି ସ୍ୱାଇଁ ଉଦ୍‌ବେଗ ପ୍ରକାଶ କରିବା ସହ କଣ୍ଟିଲୋକୁ ରାଜ୍ୟ ସରକାର ଏନଏସିର ମାନ୍ୟତା ପ୍ରଦାନ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ । ପୂର୍ବତନ ସରପଞ୍ଚ ପ୍ରତାପ ସାହୁଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ । ଆଗାମୀ ବର୍ଷରେ ଏହି ମାଘମେଳା ମହୋତ୍ସବ କିପରି ଶୃଙ୍ଖଳିତ ଭାବେ କରାଯିବ । ଶ୍ରୀ ନୀଳମାଧବ ଜୀଉଙ୍କ ମାଘମେଳା ତାର ପୂର୍ବ ଐତିହ୍ୟ ଓ ପରମ୍ପରା ଉଜ୍ଜୀବିତ ହୋଇ ପାରିବ ସେ ନେଇ ସେ ଦେବୋତ୍ତର ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତଥା ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସମ୍ପାଦକ ସିଦ୍ଧାର୍ଥ କୁମାର ମହାପାତ୍ର ପରିଚାଳନା କରିଥିଲେ । ନୀଳମାଧବ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଦୋଳଗୋବିନ୍ଦ-ପାଇକ ବାଙ୍କତରା-ଢୋଲମସ୍କା ଗ୍ରାମ୍ୟ ଉନ୍ନୟନ ରାସ୍ତା ପାଇଁ ୬ କୋଟି ଟଙ୍କା ମଞ୍ଜୁର

ଓଡ଼ଗାଁ,୨୬।୨ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରବିଗାଡିଆ ପଞ୍ଚାୟତ ଅଧୀନ ଦୋଳଗୋବିନ୍ଦପୁର-ପାଇକ ବାଙ୍କତରା-ଢୋଲମସ୍କା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ କରାଯାଇଛି। ସୋମବାର ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଏହି ରାସ୍ତାର ଶିଳାନ୍ୟାସ କରିଛନ୍ତି । ସ୍ୱାଧୀନତା ପରଠାରୁ ଏହି ରାସ୍ତା ନିର୍ମାଣ ହୋଇ ନ ଥିଲା । ଅଦ୍ୟାବଧି ଉପେକ୍ଷିତ ହୋଇ ରହିଥିବା ଉକ୍ତ ୬ କି.ମି. ବିଶିଷ୍ଟ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ସହିତ ଏଥି ନିମନ୍ତେ ଜିଏସଟି ବ୍ୟତିରେକ ୫କୋଟି ୯୪ ଲକ୍ଷ ୮୮ ହଜାର ୮୪୨ ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମଞ୍ଜୁର ହୋଇଛି । ଏହାର ଚୂଡ଼ାନ୍ତ ଟେଣ୍ଡର ପରେ ଗଞ୍ଜାମ ଜିଲାର ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ବିଭାଗୀୟ ଚିଠିରୁ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଦସ୍ୟା ଝିଲି ପ୍ରଧାନ, ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ମୁଣ୍ଡୁରୀ, ସହକାରୀ ଯନ୍ତ୍ରୀ ସଞ୍ଜିବ କୁମାର ରଥ, ବିଜେଡି ବ୍ଲକ ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀଙ୍କ ସହିତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

